**ଦିବ୍ୟାଙ୍ଗଙ୍କୁ ଦିଆଗଲା ହୁଇଲ୍‌ଚେୟାର, ଟ୍ରାଇସାଇକେଲ**

**ଭଣ୍ଡାରିପୋଖରୀ:** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିରେ ଗୁରୁବାର ଦୁଇଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହୁଇଲଚେୟାର ଓ ଆଉ ଜଣେ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, ବିଭାଗୀୟ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରିଣୀ, ଯୋଜନା ସହାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାର୍ବତୀ ହେଲେ ମହାସଂଘ ସଭାନେତ୍ରୀ

ଭଦ୍ରକ ଅଫିସ, ୨୦।୫-ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତର ମା' ତାରିଣୀ ମହିଳା ମହାସଂଘର ସଭାନେତ୍ରୀ ଭାବେ ପାର୍ବତୀ ରଥ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଆଡ଼ିଆ ପଞ୍ଚାୟତ ରାଜୀବ ସେବାକେନ୍ଦ୍ରରେ



ଅନୁଷ୍ଠିତ ଏହି ନିର୍ବାଚନ କାର୍ଯ୍ୟକ୍ରମରେ ମହାସଂଘର ୧୩ଟି ମଞ୍ଚ ଅଧୀନରେ ଥିବା ସ୍ୱୟଂସହାୟିକା ଗୋଷ୍ଠୀରୁ ମନୋନୀତ ୧୮୧ଜଣ ଇସି ସଭ୍ୟା ମତଦାନ କରିଥିଲେ। ୧୩୨ଜଣ ପାର୍ବତୀଙ୍କୁ ଓ ୪୯ଜଣ ସଂଯୁକ୍ତା ଗିରିଙ୍କୁ ଭୋଟ ଦେଇଥିଲେ। ବିପିଏମ୍ ଦାୟିତ୍ୱରେ ଥିବା ବିପିସି ଚିରଞ୍ଜୀବ ଦାସ ଓ ବିଏଲ୍‌ସି ସଞ୍ଜୁଲତା ନାୟକ ପରିଚାଳନା କରିଥିଲେ। ସରପଞ୍ଚ ମୀନା କୁମାରୀ ଜେନା, ଏମ୍‌ବିକେ କୁନୁମୁନ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାହାନଗା, ୨୦।୫(ଡି.ଏନ.ଏ.)- ବାହାନଗା ବ୍ଲକ ପଣପଣା ପଞ୍ଚାୟତ ରଘୁନାଥପୁର ପଟଣା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଆଦିକନ୍ଦ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଏହି ବିଦ୍ୟାଳୟରେ ଦୀର୍ଘ ୧୩ବର୍ଷ ରହି ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ସହ ବିଦ୍ୟାଳୟ ପରିବେଶକୁ ସଜ୍ଜିତ କରି ରଖିଥିଲେ। ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ଯୋଗଦେଇ ଛାତ୍ରୀଛାତ୍ର ଓ ଶିକ୍ଷକ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ସମିତିସଭ୍ୟା ହିମାନୀ ମହାପାତ୍ର, ଦୟାନିଧି ଗିରି, ସୁନୀତା ଦାଶ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ନିଲିପ୍ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ବୈଶିଙ୍ଗା,୨୦।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର ମହେଶପୁର ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପ୍ରଦୀପ ଦଳେଇଙ୍କ ସ୍ତ୍ରୀ ଗୌରୀ। ଗତ ୯ ତାରିଖରେ ସେ ଦେହରେ କିରୋସିନ ଢାଳିହୋଇ ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଗୁରୁବାର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ
#### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ବାସୁଦେବପୁର,୨୦।୫(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ବିରସ ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଦେଇପୁର ପଞ୍ଚାୟତ କେରସାହି ଗ୍ରାମର ରମେଶ ଚନ୍ଦ୍ର ଯେନା(୩୫)। ଉକ୍ତ ଗ୍ରାମର ରମେଶ ଓ ସୁଶୀଲ ଯେନା ବାଇକ୍‌ରେ ବାସୁଦେବପୁରରୁ ବିଦେଇପୁର ଯାଉଥିଲେ। ବିରସ ଛକଠାରେ ଧାମରା ପଟୁ ଆସୁଥିବା ଏକ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରମେଶଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ସୁଶୀଲଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।

### ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ 'ପାଟ' ଉତ୍ସବ

ଭୋଗରାଇ, ୨୦।୫(ଡି.ଏନ.ଏ.)- ଭୋଗରାଇ ବ୍ଲକ ଦେଉଳାହାଟସ୍ଥିତ ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ପାଟ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୧୧ଦିନ ଧରି ଚାଲି ଆସୁଥିବା ଏହି ଧାର୍ମିକ ଉତ୍ସବରେ ଶତାଧିକ ଉପବୀତଧାରୀ ଭକ୍ତ ମହାଦେବଙ୍କଠାରେ ବ୍ରତ ପାଳନ କରି ଅର୍ଘ୍ୟ ଦାନ କରି ହବିଷ ପାଳନ କରିଆସୁଥିଲେ। ଉତ୍ସବ ଜମି ଆସିବା ବେଳକୁ କାଳବୈଶାଖୀ ବର୍ଷା ହେବାରୁ ଫିକା ପଡ଼ିଥିଲା।

# ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା

ନୀଳଗିରି, ୨୦।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସୋନ ନଦୀପଠାରୁ ପ୍ରତ୍ୟେକ ଦିନ ଟ୍ରିପ୍ ଟ୍ରିପ୍ ବାଲି ଚାଲାଣ ହେଉଛି। ଏହାକୁ ରୋକିବା ପାଇଁ ପ୍ରଶାସନ କୌଣସି ଦୃଢ଼ କର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଲୁଟେରାମାନେ ଅବାଧରେ ବାଲି ଚାଲାଣ କରି ମାଲାମାଲ ହେଉଛନ୍ତି। ଏହାର ପ୍ରତିବାଦ କରି ଶୁକ୍ରବାର ପ୍ରକୃତି ସୁରକ୍ଷା ମଞ୍ଚ ନରସିଂହପୁର ପଞ୍ଚାୟତ ପକ୍ଷରୁ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଗଣବିକ୍ଷୋଭ କରାଯାଇଥିଲା। ସେମାନଙ୍କ ଦାବିକୁ ସମର୍ଥନ ଜଣାଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ପ୍ରଶାସନର ଉଦାସୀନତା ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ। ନୀଳଗିରି ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ପହଞ୍ଚି ଆଲୋଚନା କରିଥିଲେ। ପ୍ରକୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ ସହ ଆଗାମୀ



ନୀଳଗିରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣବିକ୍ଷୋଭ କରାଯାଉଛି।

୭ଦିନ ଭିତରେ ଆସାମୀମାନଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥାକୁ ଜୋରଦାର କରାଯିବ ବୋଲି କହିଥିଲେ। ଉପଜିଲାପାଳ ସେଠୀ ଏହି ବିଷୟକୁ ଗୁରୁତ୍ୱ ଦେବା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ସେଠାରେ ଉପସ୍ଥିତ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ମହାନ୍ତି, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ, କୁଳମଣି ନାୟକ, ତାପସ ମହାନ୍ତି, ସମର ଶଙ୍କର କାନୁନଗୋ, ରାମକୃଷ୍ଣ ମହାପାତ୍ର, ଶୁଭାଶିଷ ଆଚାର୍ଯ୍ୟ, ବିଭିନ୍ନ ପଞ୍ଚାୟତର କିଛି ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

ସୂଚନା ଅନୁଯାୟୀ, ସୋନ ନଦୀପଠାରୁ ବିଭିନ୍ନ ସ୍ଥାନରେ ବାଲି ମାଫିଆ ମେଶିନ ଲଗାଇ ଶହ ଶହ ଟ୍ରିପ ବାଲି ବାହାରକୁ ଚାଲାଣ କରୁଛନ୍ତି। ବ୍ୟାପକ ବାଲି ଚୋରାଚାଲାଣ ଫଳରେ ନରସିଂହପୁର, କୁଲାପାଳ ଅଞ୍ଚଳରୁ ବାଲି ଚୋରାଚାଲାଣ

**ପ୍ରକୃତି ସୁରକ୍ଷା ମଞ୍ଚର ଗଣବିକ୍ଷୋଭ**

ହେଉଥିବା ଯୋଗୁ ନଦୀତଟରେ ହୋଇଥିବା ପଥର ପ୍ୟାକିଂ ଭୁଶୁଡ଼ିବାର ଆଶଙ୍କା ଦେଖାଦେଇଛି। କାଠପାଳ ପୋଲ ତଳୁ ବାଲି ନେବା ଫଳରେ ପୋଲକୁ ବିପଦ ଦିନକୁ ଦିନ ବଢୁଛି। ପ୍ରଭାବିତ ଅଞ୍ଚଳର ଲୋକମାନେ ବାରମ୍ବାର ପ୍ରଶାସନ ଓ ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ କରି ନୟାନ୍ତ ହୋଇପଡ଼ିଲେଣି। ଚୋରାବାଲି ଖନନକୁ ନେଇ ଅଭିଯୋଗକାରୀମାନେ ମଧ୍ୟ ବାଲିମାଫିଆଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହେଉଛନ୍ତି। ଏହାର ଏକ ଉଦାହରଣ ଗତ ମେ' ୭ତାରିଖରେ ନରସିଂହପୁର ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଆସାମୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପୋଲିସ ଆସାମୀମାନଙ୍କୁ ଖୋଜୁଛି କହି ହାତ ବାନ୍ଧି ବସିଛି।

# ଅବହେଳା କଲେ ଆନ୍ଦୋଳନ

ଭଦ୍ରକ ଅଫିସ,୨୦।୫

ଭଦ୍ରକର ବରିଷ୍ଠ ଖବରଦାତା ଜ୍ଞାନ ପାଣିଙ୍କ ନେତୃତ୍ୱରେ ଶୁକ୍ରବାର ସମସ୍ତ ଖବରଦାତାଙ୍କୁ ନେଇ ସହରର ମୁଖ୍ୟ ଡାକଘର ନିକଟ ନୀଳଲୋହିତ ମହାଦେବ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖବରଦାତାମାନଙ୍କ ପ୍ରତି ଜିଲା ପ୍ରଶାସନର ଅବହେଳା ପ୍ରଦର୍ଶନ ବାବଦରେ ବୈଠକରେ ଆଲୋଚନା କରାଯିବା ସହ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ

**ଜିଲା ପ୍ରଶାସନକୁ ଖବରଦାତାଙ୍କ ଚେତାବନୀ**

ଦିନରେ ପ୍ରଶାସନ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଖବରଦାତାମାନେ ଚେତାବନୀ ଦେଇଛନ୍ତି। ଭଦ୍ରକରେ ସ୍ଥାୟୀ ସାମ୍ବାଦିକ ଭବନ ନିର୍ମାଣ ପାଇଁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅନୁପସ୍ଥିତିରେ ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ ପରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଖବରଦାତାମାନେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ହୋଲ୍ଡିଂ ଟିକସ ବୃଦ୍ଧିକୁ ବିରୋଧ



ଭଞ୍ଜସେନା ପ୍ରତିନିଧି ଦଳ ପୌରାଧ୍ୟକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

ବାରିପଦା ଅଫିସ,୨୦।୫

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଞ୍ଚଳରେ ମାତ୍ରାଧିକ ହୋଲ୍ଡିଂ ଟିକସ ବୃଦ୍ଧି ପ୍ରତିବାଦରେ ଭଞ୍ଜସେନାର ଏକ ପ୍ରତିନିଧି ଦଳ ଶୁକ୍ରବାର ପୌରାଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି। ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଟିକସ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଖୁବଶୀଘ୍ର ଟିକସ ପ୍ରତ୍ୟାହାର ପାଇଁ ପଦକ୍ଷେପ ଗ୍ରହଣ ନ

**ପୌରାଧ୍ୟକ୍ଷଙ୍କୁ ଭେଟିଲେ ଭଞ୍ଜସେନା କାର୍ଯ୍ୟକର୍ତ୍ତା**

କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। କରୋନା ମହାମାରୀ ଯୋଗୁଁ ଦୁଇ ବର୍ଷ ଧରି ଶ୍ରମିକ, କୃଷକ, ବ୍ୟବସାୟୀ ଓ ସାଧାରଣ ପରିବାର ଲୋକଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଛି। ଲୋକମାନେ ପେଟପୁରା ଖାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ଏପରି ସ୍ଥଳେ ରନ୍ଧନଗ୍ୟାସ, ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ଯୋଗୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ପାଲଟିଛି । ଏପରି ସ୍ଥଳେ ହୋଲ୍ଡିଂ ଟିକସକୁ ୧୦ଗୁଣା ବୃଦ୍ଧି କରାଗଲେ ବହୁ ଲୋକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି। ତେବେ ସହରବାସୀଙ୍କ ଉପରେ ବୋଝ ପଡ଼ିବ ନାହିଁ । ଖୁବ ଶୀଘ୍ର ପରିଷଦ ବୈଠକରେ ଆଲୋଚନା କରାଯାଇ ସମ୍ୟକ ବୃଦ୍ଧି କରାଯିବ ବୋଲି ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି ।

# ତେଲକୋଇ-ବିମଳା ରାସ୍ତାର ଭିତ୍ତିପ୍ରସ୍ତର

ତେଲକୋଇ, ୨୦।୫ (ଡି.ଏନ.ଏ.)

ଦୀର୍ଘଦିନରୁ ଅବହେଳିତ ଥିବା ତେଲକୋଇ-ବିମଳା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ୧୮ କିଲୋମିଟର ରାସ୍ତା ପାଇଁ ୩୯କୋଟି ୨୧ ଲକ୍ଷ ବ୍ୟୟବରାଦ କରାଯାଇଛି। ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ତେଲକୋଇ ବିଧାୟକ ଇଂ. ପ୍ରେମାନନ୍ଦ ନାୟକ, ଜିଲା ପରିଷଦ କେଦାର ଚନ୍ଦ୍ର ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ ଯୋଗ ଦେଇଥିଲେ। ପିଡବ୍ଲୁଡି ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ଦାଶ, ଏସ୍‌ଡିଓ ରାମେଶ୍ୱର ପାଣିଗ୍ରାହୀ ଓ ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ଉକ୍ତ ରାସ୍ତା ଏକ ବର୍ଷ ମଧ୍ୟରେ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ତୁରନ୍ତ ରାସ୍ତା କାମ କରାଯିବା ଉପରେ ମନ୍ତ୍ରୀ ନାୟକ ଗୁରୁତ୍ୱାରୋପ କରିଥିଲେ।

# ବାଲ୍ୟବିବାହ ସୂଚନା ଦେଲେ ୫ ହଜାର ପୁରସ୍କାର

ବାଲେଶ୍ୱର ଅଫିସ, ୨୦।୫

ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହରେ 'ପିଲାଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟସ୍ତରରେ ଗଣ ଶପଥପାଠ, ଗ୍ରାମ କଲ୍ୟାଣ ସମିତି ଜରିଆରେ ଗ୍ରାମସ୍ତରୀୟ ଓ ଧାର୍ମିକ ଅନୁଷ୍ଠାନରେ ସଚେତନତା ସୃଷ୍ଟି ପାଇଁ ଏଥିରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବାଲ୍ୟ ବିବାହ ସୂଚନା ଆସିଲା ମାତ୍ରେ ଚାଇଲ୍ଡଲାଇନ୍, ପୋଲିସ୍, ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶିଶୁ ମଙ୍ଗଳ କମିଟି ଓ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରତ୍ୟେକ ବାଲ୍ୟବିବାହକୁ ରୋକିବା ଯେପରି ସୁନିଶ୍ଚିତ କରାଯାଇପାରିବ ସେଥି ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଜିଲାରେ ବାଲ୍ୟବିବାହ ହେଉଥିବା ନେଇ ଠିକ୍ ସମୟରେ ସୂଚନା ପ୍ରଦାନ କଲେ ସୂଚନା ପ୍ରଦାନକାରୀଙ୍କୁ ୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା।

ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.

**'ପିଲାଙ୍କ ପାଇଁ ଦିନଟିଏ'**

ଦୁଲାଲସେନ ଜଗଦେବ, ଆକ୍ସନଏଡ୍ କାର୍ଯ୍ୟକ୍ରମ ପ୍ରବନ୍ଧକ ଘାସିରାମ ପଣ୍ଡା, ମହିଳା ଓ ଶିଶୁ ବିକାଶ ବିଭାଗର ରାଜ୍ୟ ବାଲ୍ୟ ବିବାହ ନିଷେଧ ପରାମର୍ଶଦାତ୍ରୀ ଅନୁପମା ସାହୁ ପ୍ରମୁଖ ଯୋଗଦେଇ ଜିଲାରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି, ଜିଲା ବାଲ୍ୟ ବିବାହ ସଂଯୋଜିକା ଶକୁନ୍ତଳା ଦାସଙ୍କ ସମେତ ଶ୍ରମ ବିଭାଗ, ଶିକ୍ଷା ବିଭାଗ, ଚାଇଲ୍ଡ ଲାଇନ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବାଲ୍ୟବିବାହ କ୍ଷେତ୍ରରେ ସମ୍ପ୍ରତି ଜିଲାର ସ୍ଥିତି ଓ ଜିଲାରୁ ବାଲ୍ୟ ବିବାହକୁ ଦୂର କରିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମନ୍ୱିତ ଉଦ୍ୟମରେ ଜିଲାରୁ ବାଲ୍ୟବିବାହକୁ ଦୂର କରିବା ପାଇଁ ସମସ୍ତେ ମତ ରଖିଥିଲେ। ଆଗାମୀ ଦିନରେ ବାଲ୍ୟବିବାହମୁକ୍ତ ଗ୍ରାମକୁ ଏକ ଅଭିଯାନ ଭାବେ ଆଗେଇ ନେବା ପାଇଁ ଉପସ୍ଥିତ ଅତିଥି ଓ ସଦସ୍ୟମାନେ ପରାମର୍ଶ ଦେଇଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ଆଇନ, ସ୍ଥାୟୀ ଲୋକଅଦାଲତ ସମ୍ପର୍କିତ ସଚେତନତା

କେନ୍ଦୁଝର, ୨୦।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୋର୍ଟ ପରିସରରେ ଭିଡିଓ ପ୍ରସାରଣ ଜୀଷ୍ଟମିଟ ଆଭାସି ମାଧ୍ୟମରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଓ ସ୍ଥାୟୀ ଲୋକଅଦାଲତ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସଚିବ ତଥା ସିଭିଲ କୋର୍ଟ ରେଜିଷ୍ଟ୍ରାର ଡ. ମମତା ମହାନ୍ତି ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଉଭୟ ତରଳ ଓ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା କିଭଳି ସମ୍ଭବ ହୋଇପାରିବ, ପୌରପାଳିକା ଓ ଗ୍ରାମାଞ୍ଚଳର ପଞ୍ଚାୟତର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଜନସାଧାରଣ ସଚେତନ ହୋଇପାରିଲେ ବର୍ଜ୍ୟବସ୍ତୁ ଠିକ୍ ଦିଗରେ ପରିଚାଳିତ ହୋଇ ତାହା ସମାଜ କଲ୍ୟାଣକାରୀ ହୋଇପାରିବ, ନଚେତ୍ ପରିବେଶ ପ୍ରତି ଏହା ବିପଦ ସୃଷ୍ଟି କରିବ ବୋଲି ସେ କହିଥିଲେ। ସେହିପରି ସ୍ଥାୟୀ ଲୋକଅଦାଲତ ଜନଉପଯୋଗୀ ସେବା ପାଇଁ ଉଦ୍ଦିଷ୍ଟ ବୋଲି କହିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅଭିହିତ କରିଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମରେ ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗ ଦେଇଥିଲେ।

# ପଣପଣାରେ କଂଗ୍ରେସର ସମ୍ପର୍କ ବୈଠକ

ବାହାନଗା, ୨୦।୫(ଡି.ଏନ.ଏ.)

ବାହାନଗା ବ୍ଲକ ପଣପଣା ମେଳନ ପଡିଆରେ ଗୁରୁବାର କଂଗ୍ରେସର ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଯୋଗ ଦେଇ କିପରି ପ୍ରତ୍ୟେକ ଗ୍ରାମରେ କଂଗ୍ରେସ ଦଳ କିପରି ମଜବୁତ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ବସନ୍ତ କୁମାର ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରମାକାନ୍ତ ମଳିକ, ପୂର୍ବତନ ସରପଞ୍ଚ ପ୍ରଦୀପ ବେହେରା, ସୁଶାନ୍ତ ନାୟକ, ଦୟାନିଧି ଗିରି ପ୍ରମୁଖ ଯୋଗଦେଇଥିଲେ।

# ଜୁନ୍ ୩୦ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ସଂଗ୍ରହ ହେବ ଧାନ

ବାଲେଶ୍ୱର ଅଫିସ, ୨୦।୫

ବାଲେଶ୍ୱର ଜିଲାରେ ବିଭିନ୍ନ ମଣ୍ଡିରେ ଶୁକ୍ରବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସ୍ଥାନୀୟ ସଦର ବ୍ଲକ ସାରଗାଁ ସମବାୟ ସମିତିରେ ଏହାର ଉଦ୍‌ଘାଟନ କରିଥିଲେ।

ଚଳିତବର୍ଷ ପାଇଁ ଏହି ଧାନ ସଂଗ୍ରହ/କ୍ରୟ ପ୍ରକ୍ରିୟା ଜିଲାର ୧୦୯ଟି ମଣ୍ଡିରେ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ମୋଟ୍ ୩୪ହଜାର ୮୮୧ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗତ ରବି ଋତୁରେ ଅମଳ ହୋଇଥିବା ଧାନକୁ ଚାଷୀମାନେ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ। ଧାନକ୍ରୟ କ୍ଷେତ୍ରରେ ସରକାରୀ ନିୟମର ଅନୁପାଳନ, ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ସହିତ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲାପାଳ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାରେ ମୋଟ ୪ଲକ୍ଷ ୩୬ହଜାର

**ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ**

୭୬୪ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳ ୨୨ଜଣ ମିଲର୍ସଙ୍କୁ ଏଥିରେ ସାମିଲ କରାଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସୁବ୍ୟବସ୍ଥିତ ଢଙ୍ଗରେ ଧାନ ସଂଗ୍ରହ ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯେଭଳି ସିଧାସଳଖ ଟଙ୍କା ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାଏଙ୍କ ସମେତ ଯୋଗାଣ ବିଭାଗ କର୍ମଚାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଆମ୍ବଳିଆଠାରେ ଧାନମଣ୍ଡି ଉଦ୍‌ଘାଟିତ



ଜଳେଶ୍ୱର, ୨୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ୧୯ଟି ମଣ୍ଡି ମଧ୍ୟରୁ ଆମ୍ବଳିଆଠାସ୍ଥିତ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଅଶୋକ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ୟାକ୍ସରେ ୪୦୨ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଶୁକ୍ରବାର ଅପରାହ୍ନରେ ଚାଷୀ ଗୋପାଳ ଚନ୍ଦ୍ର ଜେନା ଓ ସତ୍ୟପ୍ରିୟ ଜେନା ଧାନ ବିକ୍ରି କରିଥିଲେ । ଚାଷୀ କମିଟି ମଧ୍ୟରୁ ସୂର୍ଯ୍ୟ ଜେନା, ରାମେଶ୍ୱର ରାଜ, ବରେନ୍ଦ୍ର ପାତ୍ର, ମିହିର ଚାନ୍ଦ, ସୁଶୀଲ ସେନାପତି, ନିୟନ୍ତ୍ରିତ ବଜାର କମିଟିର ଧାନ ମାନ ନିର୍ଦ୍ଧାରକ ଚନ୍ଦନ କୁମାର ଘୋଷ ଉପସ୍ଥିତ ଥିଲେ। ସମ୍ପାଦକ ଦେବାଶିଷ ପାତ୍ର ଧାନ କ୍ରୟ ଆରମ୍ଭ କରିଥିବା ବେଳେ ସନ୍ନ୍ୟାସୀ ପାତ୍ର ଓ କାଳିଚରଣ କର ସହଯୋଗ କରିଥିଲେ।

GOVT. OF INDIA
MINISTRY OF FINANCE
DEPTT. OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No.: C-71, Sector-7, CDA, Cuttack-14
NOTICE TO LEGAL HEIR / REPRESENTATIVE
(See Rule 85 of the Second Schedule as referred to in section 29 of the Recovery of Debts due to Bank and Financial Institutions Act, 1993)
R.P No. 079/2010/CTC
(Arising out of OA No.198/2009)
Next Date: 16.08.2022

Andhra Bank, SSI Branch, Jagannathpur, Berhampur-760007, Dist.: Ganjam ...Certificate Holder Bank
Vs.
M/s. Saptagiri Rolling Private Limited Company & Others ...Certificate Debtors

To,
3. (a) **Mutta Venkat Surya Sekhar,** Son of Late M.K.D.N.V Prasad Rao, At.: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.
3. (b) **Injeti Venkat Laxmi,** W/o.: Injeti Srinivas, Daughter of Late M.K.D.N.V Prasad Rao, At: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.

Whereas Recovery Certificate dt.22.12.2010 has been forwarded by the Hon'ble Presiding Officer, Debts Recovery Tribunal, Cuttack for the recovery of decretal dues amounting to **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** Plus interest as Per the certificate from M/s. Saptagiri Rolling Private Limited Company, Registered Office at Tulu Road, Konishi, Berhampur, Dist.: Ganjam Presently at Gandhi Nagar, 1st Lane Extension, Berhampur, Dist.: Ganjam, and Another.

And whereas the said **Sri M.K.D.N.V Prasad Rao,** S/o.: M. Rama Murty, At/P.O.: Hill Patna, Berhampur, P.S.: Baidyanathpur, Dist.: Ganjam, Certificate Debtor No.3, has since **died.**

You are hereby given notice that steps will be taken under all or any of the provisions of the Second Schedule to the Income Tax Act, 1961 read with Section 29 of the Recovery of Debts due to Bank & Financial Institution Act, 1993 to recover the said amount from you together with interest payable and the cost, charge and the expenses incurred in respect of warrants and other processes issued and all other proceedings taken for realising the amount unless the amount of **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** in respect of the certificate together with cost, charge and expenses so far amounting to **Rs. 4,93,42,655.00 (Rupees Four Crore Ninety Three Lakhs Forty Two Thousand Six Hundred Fifty Five Only)** with pendentelite and future interest @ 10% p.a. rests from the date of filing till realization of amount due until the full and final realization of the claim amount with cost and the interest aforesaid is paid by you, within 15 days of the service of the notice.

Given under my hand & seal at Cuttack on this **25th day of April, 2022.**

Sd/- (Saroj Kumar Biswal)
RECOVERY OFFICER

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ପାଟଣା,୨୦।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ଫାଣ୍ଡି ଅଧୀନ ଗୋରାଣ୍ଡିଯୋଡ଼ି ବାଙ୍କ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅସ୍ତଯୋଡ଼ି ଗ୍ରାମର ଚିତ୍ରସେନ ବେହେରା। ଚାଲିଚାଲି ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସାହାରପଡ଼ା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

ବାହାନଗା, ୨୦।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣ୍ଡାଶୁଣି କାଠ ପୋଲ ନିକଟରେ ଗୁରୁବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରିପଦା ପଞ୍ଚାୟତର ମହରୁଦ୍ରପୁର ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସନ୍ନ ତ୍ରିପାଠୀ (୫୨)। ସେ ବାଲେଶ୍ୱରରୁ ବାହାନଗା ଦେଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ସେ ଗାଡି ସହ ଗୁରୁତର ଅବସ୍ଥାରେ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିକ୍ଷକଙ୍କ ଘର ଆରୁହାବାଡ ପଞ୍ଚାୟତର ରୂପଖଣ୍ଡସ୍ଥିତ ଉତ୍ତର ସାହିରେ। ତେବେ ଅନ୍ୟ ଜଣେ ବାଇକ୍ ଚାଳକ ଗନ୍ଦିଣା ଗ୍ରାମର ହେମନ୍ତ ମହାନ୍ତି(୪୦)ଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଫେରାର ମହିଳା ଅଭିଯୁକ୍ତ ଗିରଫ

ପଦ୍ମପୁର, ୨୦।୫(ଡି.ଏନ.ଏ.)-ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ଜଣେ ଫେରାର ମହିଳା ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆଟୋ ଗ୍ରାମର ବାସନ୍ତୀ ଘଡ଼େଇ। ତାଙ୍କ ନାମରେ ମାମଲା (ନଂ.୩୧୭/୨୧) ରହିଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା,୨୦।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ନିକଟସ୍ଥ ୧୮ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଗୁରୁସାହି ଗ୍ରାମର କାର୍ତ୍ତିକ ସିଂ(୩୮)। ସେ ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲି ଆସିଥିଲେ। ବୁଧବାର ସାଇକେଲ ଯୋଗେ ରାସ୍ତା ପାରି ହେଉଥିବା ବେଳେ ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର କାର୍ତ୍ତିକଙ୍କୁ ସଙ୍ଗେ ସଙ୍ଗେ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ଯାଇଥିଲା। ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। କାର୍ ଚାଳକଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୩୪/୨୨) ରୁଜୁ ହୋଇଛି।

# ପରିଚାଳନା ନିର୍ଦ୍ଦେଶକ, ନିର୍ଦ୍ଦେଶକଙ୍କୁ ୫ବର୍ଷ ଜେଲ୍

**ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତର ପ୍ରଥମ ରାୟ**

■ବିପୁଳ ଅର୍ଥ ଠକିଥିଲା ୱାଇଜମ୍ୟାନ ରିସୋର୍ସେସ ଲିମିଟେଡ୍ ସଂସ୍ଥା

ବାଲେଶ୍ୱର ଅଫିସ,୨୦।୫

ବିପୁଳ ଅର୍ଥ ଠକେଇ ମାମଲାରେ ଶୁକ୍ରବାର ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତ ପକ୍ଷରୁ ପ୍ରଥମ ରାୟ ପ୍ରକାଶ ପାଇଛି। ଜଜ୍ ସଦାଶିବ ଜେନା ୱାଇଜମ୍ୟାନ ରିସୋର୍ସେସ ଲିମିଟେଡ୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅନୀଲ କୁମାର ପାତ୍ର ଓ ନିର୍ଦ୍ଦେଶକ ପ୍ରଭାସ ଚନ୍ଦ୍ର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୪୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଲାଗି ରାୟରେ କୁହାଯାଇଛି।

ଲୋଭନୀୟ ସ୍କିମ ଜରିଆରେ ଏହି ସଂସ୍ଥା ବାଲେଶ୍ୱର ଜିଲାର ଏକାଧିକ ଜମାକାରୀଙ୍କଠାରୁ ବିପୁଳ ଅର୍ଥ ସଂଗ୍ରହ କରିଥିଲା। ସଂସ୍ଥାର କର୍ମଚାରୀମାନେ ଗତ ୨୦୧୨ରେ ଶିଳ୍ପାଞ୍ଚଳ ଥାନା ଅଧୀନ ବାମପଦା ଗ୍ରାମର ରବି ନାରାୟଣ ସାହୁଙ୍କୁ ଅଧିକ ସୁଧର ଲୋଭ ଦେଖାଇ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଇଥିଲେ। ସେ ୨ଲକ୍ଷ ଟଙ୍କା ଜମା କରିଥିଲେ। ମାତ୍ର ୯ମାସ ମାସିକ ୫ହଜାର ୮୪୦ଟଙ୍କା ଲେଖାଏଁ ରବିଙ୍କ ଆକାଉଣ୍ଟକୁ ସୁଧ ଆକାରରେ ଆସିଥିଲା। ପରେ ସେ ଟଙ୍କା ନ ପାଇବାରୁ ସଂସ୍ଥା କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ପାଇଁ ସେ ଦୌଡ଼ି ନିରାଶ ହେବା ପରେ ସହଦେବଖୁଣ୍ଟା ଥାନାରେ ଚିଟ୍‌ଫଣ୍ଡ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅନୀଲ ପାତ୍ର ଓ ସହଯୋଗୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ପରିଚାଳନା ନିର୍ଦ୍ଦେଶକ ପାତ୍ର, ନିର୍ଦ୍ଦେଶକ ତଥା ସିଂଲା ଥାନା ନିଶନ୍ତପୁର ଗ୍ରାମର ପ୍ରଭାସ ଚନ୍ଦ୍ର ଜେନା, ଯାଜପୁର ଜିଲା ଡୋଭବିଲ ଗ୍ରାମର ଦିଲୀପ କର, ବରହମପୁର ଥାନା ବାଲିସାହି ଗ୍ରାମର ରମେଶ କୁମାର ପାତ୍ର, ସିଂଲା ଥାନା ପଣହା ଗ୍ରାମର ପ୍ରଭାସ ଦତ୍ତ, ନୀଳଗିରି ଥାନା ପୁରୁଣାଗାଁ ଗ୍ରାମର ସତ୍ୟାନନ୍ଦ ପାତ୍ର, ବସ୍ତା ଥାନା ଦୁଣ୍ଡ ଗ୍ରାମର ରବୀନ୍ଦ୍ର ବିଶ୍ୱାଳ, ଶକୁନ୍ତଳା ବିଶ୍ୱାଳଙ୍କ ନାମରେ ମାମଲା (ନଂ. ୨୦୬/୧୪) ରୁଜୁ କରାଯାଇଥିଲା। ଏହି ମାମଲା ବାଲେଶ୍ୱର ସ୍ଥିତ ଚିଟ୍‌ଫଣ୍ଡ ଅଦାଲତରେ ବିଚାରାଧୀନ ଥିଲା। ଚିଟ୍‌ଫଣ୍ଡ ଅଦାଲତ ବିଚାରପତି ଜେନା ଏହି ମାମଲାର ବିଚାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

## ବାଘଛାଲ ଜବତ ଘଟଣା: ଜଣେ ଗିରଫ



ଜବତ ହୋଇଥିବା ବାଘଛାଲ।

ଆନନ୍ଦପୁର,୨୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଦୈତାରୀ ଥାନା ବୁଢିପଦା ଗାଁରୁ ବାଘଛାଲ ଜବତ ଘଟଣାରେ ବନ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୁଟୁ ମହାକୁଡ଼। ଏନେଇ ଆନନ୍ଦପୁର ଡିଏଫଓ ଅଜିତ୍ କୁମାର ଶତପଥି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ ବାଘ ଛାଲ ଏକ ମହାବଳ ବାଘର ଓ ଏହାର ଲମ୍ବ ୧୨ ଫୁଟ। ପ୍ରାୟ ମାସେରୁ ଦେଢ଼ମାସ ମଧ୍ୟରେ ମହାବଳକୁ ମରାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

## ୧୬ ଦୋକାନୀଙ୍କୁ ଜରିମାନା



ଏକ ଦୋକାନରେ ଚଢ଼ାଉ କରାଯାଉଛି।

**କୋଟପା ଆଇନ ଉଲ୍ଲଂଘନ**

ଭଦ୍ରକ ଅଫିସ,୨୦।୫

କୋଟପା ଆଇନର କାର୍ଯ୍ୟକାରିତା ନିମନ୍ତେ ଗତ ୭ ତାରିଖରେ ଭଦ୍ରକ ଏସ୍‌ପି ଚରଣ ସିଂ ମୀନାଙ୍କ ଅଧ୍ୟକ୍ଷତାରେ ତାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଧରପଗଡ଼ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରସ୍ତୁତ ଯୋଜନା ଅନୁଯାୟୀ ଶୁକ୍ରବାର ଭଦ୍ରକ କଲେଜ ରୋଡ୍‌ରେ ଥିବା ଦୋକାନଗୁଡ଼ିକରେ ଚଢ଼ାଉ କରାଯାଇ ବିକ୍ରୟ ନିଷେଧ ତମାଖୁ ଜାତୀୟ ଦ୍ରବ୍ୟ ଜବତ କରାଯାଇଛି। କୋଟପା ଆଇନ ଉଲ୍ଲଂଘନକାରୀ ୧୬ ଦୋକାନୀଙ୍କଠାରୁ ଜରିମାନା ବାବଦ ୨,୪୫୦ ଟଙ୍କା ଆଦାୟ କରାଯାଇଛି। ଟାଉନ ଥାନା ଏସ୍‌ଆଇ ସାଗର ପ୍ରସାଦ ଦାସ, ଏଏସ୍‌ଆଇ ନୀଳମଣି ଦାସ, ଏପିଡେମିଲୋଜିଷ୍ଟ ଡା. କାଶିନାଥ ପଣ୍ଡା, ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଅବକାରୀ ଇନ୍ସପେକ୍ଟର ସ୍ୱାତୀ ପଟ୍ଟନାୟକ, ସହକାରୀ ପରିଚାଳକ ଦୀପକ କୁମାର ରାଉତ, ଡ୍ରଗ୍ ଇନ୍ସପେକ୍ଟର କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ୬ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଭାଇବୋହୂଙ୍କୁ ଦେଢ଼ଶୁରଙ୍କ ମରଣାନ୍ତକ ଆକ୍ରମଣ ଘଟଣା**

ଖଇରା/ଔପଦା, ୨୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ଥାନା ଫତେପୁର ପଞ୍ଚାୟତ ଅଧୀନ ଡିମିରିଚୁଆ ଗ୍ରାମର କବିତା ନାୟକ ନାମ୍ନୀ ମହିଳାଙ୍କୁ ତାଙ୍କ ଦେଢଶୁର ମରଣାନ୍ତକ ଆକ୍ରମଣ କରିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗର ୬ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇପାରିନି। ତୁରନ୍ତ ଆକ୍ରମଣକାରୀ ଦେଢଶୁର, ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଗିରଫ କରିବାକୁ କବିତାଙ୍କ ପରିବାର ତଥା ଡିମିରିଚୁଆ ଗ୍ରାମବାସୀ ଦାବି କରିଛନ୍ତି।

୧୪ତାରିଖ ଅପରାହ୍ନରେ ପିଲାଖେଳକୁ ନେଇ ସ୍ୱାମୀ ରମେଶଙ୍କ ଅନୁପସ୍ଥିତିରେ କବିତାଙ୍କର ଜା ଓ ଦେଢଶୁରଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେଢଶୁର ଏକ ଭୁଜାଲିରେ କବିତାଙ୍କ ନାକକୁ ହାଣି ଦେଇଥିବା ବେଳେ ଜା ଓ ତାଙ୍କ ଝିଅ ବାଉଁଶ ଠେଙ୍ଗା ଓ ଲୁହାରଡରେ ନିର୍ଘୁମ ପିଟିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଇରା ଓ ପରେ ବାଲେଶ୍ୱର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏବେ କବିତା ମୁମୂର୍ଷ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। କେତେକ ଗ୍ରାମବାସୀ ତାଙ୍କୁ ରକ୍ଷା କରିବାକୁ ଆସିଥିବା ବେଳେ ସେମାନେ ତାଙ୍କୁ ମଧ୍ୟ ଧମକଚମକ ଦେଇଥିବା ନେଇ କବିତାଙ୍କ ମା' ଭାରତୀ ଔପଦା ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଔପଦା ଥାନା ଏଏସ୍‌ଆଇ ସଂଗ୍ରାମ ବେହେରା କହିଛନ୍ତି, ଦେଢଶୁର ଓ ଜା'ଙ୍କ ନାମରେ ମାମଲା(ନଂ.୩୯/୨୨) ରୁଜୁ ହୋଇଛି । ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି।

## ଶ୍ୱଶୁର ଘର ଗଡ଼ିଆରୁ ଜ୍ୱାଇଁଙ୍କ ମୃତଦେହ ଜବତ

କୁଆମରା,୨୦।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ଓ ବଡ଼ସାହି ବ୍ଲକ ସୀମାନ୍ତବର୍ତ୍ତୀ ମଙ୍ଗଳପୁର ଗ୍ରାମ ସ୍ଥିତ ଶ୍ୱଶୁର ଘର ଗଡ଼ିଆରୁ ଶୁକ୍ରବାର ଜ୍ୱାଇଁଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ନୀଳଗିରି ଥାନା ଅନ୍ତର୍ଗତ ଗାଙ୍ଗପୁରା ଗ୍ରାମର ଜିତେନ୍ଦ୍ର ସିଂ। ଗତ ୧୮ ତାରିଖରେ ସେ ମଙ୍ଗଳପୁର ଗ୍ରାମ ସ୍ଥିତ ଶ୍ୱଶୁର ମାୟାଧର ସିଂଙ୍କ ଘରକୁ ଆସିଥିଲେ। ରାତିରେ ଖାଇପିଇ ଶୋଇଥିବା ବେଳେ ସକାଳୁ କେଉଁଆଡ଼େ ନିଖୋଜ ହୋଇ ଯାଇଥିଲେ। ଶ୍ୱଶୁର ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳେ ଘର ପାଖ ଗଡ଼ିଆରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଭୀମଦା ଫାଣ୍ଡି ଏସ୍‌ଆଇ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ଡାକ୍ତରଖାନା ପଠାଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୨) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ସମବାୟ ନିର୍ବାଚନ ନେଇ ବିଜେଡିର ରଣକୌଶଳ

ଧାମନଗର, ୨୦।୫ (ଡି.ଏନ.ଏ)

ଆସନ୍ତା ଜୁନ୍ ୧୯ ଓ ୨୬ରେ ସମବାୟ ନିର୍ବାଚନ। ଏହାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ରଣକୌଶଳ ଆରମ୍ଭ ହୋଇଛି। ସମବାୟ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଭଦ୍ରକ ଜିଲା ଧାମନଗର କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଓ ଏନ୍‌ଏସିର ଦଳୀୟ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀମାନେ କିପରି ନିର୍ବାଚିତ ହେବେ ସେନେଇ ରଣକୌଶଳ ପ୍ରସ୍ତୁତି ହୋଇଛି। ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଦଳର ପର୍ଯ୍ୟବେକ୍ଷକ ସରୋଜ ମହାପାତ୍ର, ରଘୁନାଥ ଲେଙ୍କା, ବସନ୍ତ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଯୋଗଦେଇ କର୍ମୀମାନଙ୍କୁ ରଣନୀତି ସମ୍ପର୍କରେ ଅବଗତ କରାଇଥିଲେ।

## ହତ୍ୟା ମାମଲାରେ ଯୁବକ ନିର୍ଦ୍ଦୋଷ

**ବାରିପଦା ଅଫିସ,୨୦।୫:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଦୌରା ଜଜଙ୍କ କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ସାହୁ ଏହାର ବିଚାର କରି ଅଭିଯୁକ୍ତ ବେତନଟୀ ଥାନା ଅଞ୍ଚଳର ଶ୍ରୀକାନ୍ତ ମହାନ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଜାନୁୟାରୀ ୩୧ରେ ବେତନଟୀ ଉପକଣ୍ଠ ମହୁଲିଆ ଜଙ୍ଗଲ ନିକଟରୁ ଜନୈକା ଅପରିଚିତ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଥିଲା। ତତ୍କାଳୀନ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ମାମଲାର ତଦନ୍ତ କରି ମହିଳାଙ୍କ ପରିଚୟ ପାଇଥିଲେ। ମୃତ ମହିଳା ଜଣକ ହେଲେ ତୁଳସୀଚଉରା ଗ୍ରାମର ଭାରତୀ ମହାନ୍ତ। ଭାରତୀଙ୍କ ସ୍ୱାମୀ ତରଣୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୮୩/୧୯) ରୁଜୁ ହୋଇଥିଲା। ଭାରତୀ ୨୫ତାରିଖ ସନ୍ଧ୍ୟାରେ ଗାଁ ଛକରୁ ଔଷଧ ଆଣିବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ୬ଦିନ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପରେ ତାଙ୍କର ମୃତଦେହ ମିଳିଥିଲା। ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୬ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ରଥ ଓ ସନ୍ଦୀପ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।




## ଚମ୍ପୁଆ ବନ୍ଦ ଡାକରା ପରେ ଉପଜିଲାପାଳଙ୍କ ବୈଠକ



ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ଉପଜିଲାପାଳ।

**ସାମିଲ ହେଲେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା**

ଚମ୍ପୁଆ, ୨୦।୫ (ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହାକୁ ନେଇ ଚମ୍ପୁଆ ବିକାଶ ପରିଷଦ ଡାକରାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ପୂର୍ବରୁ ଏକ ବୈଠକରେ ଆସନ୍ତା ୨୩ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଚମ୍ପୁଆ ବନ୍ଦ ଡାକରା ଦେଇଥିଲେ। ଶୁକ୍ରବାର ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ ନିଜ କାର୍ଯ୍ୟାଳୟରେ ଏକ ବୈଠକ ଡାକି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବନ୍ଦ ଡାକରାରୁ ଓହରିବାକୁ ପ୍ରସ୍ତାବ ଦେଇଥିଲେ। ବାରମ୍ବାର ପ୍ରଶାସନ ପକ୍ଷରୁ ଅସହଯୋଗ ହେଉଥିବା ଅଭିଯୋଗ କରି ବିକାଶ ପରିଷଦର ସଦସ୍ୟମାନେ ନିଷ୍ପତ୍ତିରେ ଅଡ଼ି ବସିଥିଲେ। ପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ବାବଦରେ ପୁନଃ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ସଙ୍ଗଠନଗୁଡ଼ିକର କର୍ମକର୍ତ୍ତା କାର୍ଯ୍ୟାଳୟ ବାହାରକୁ ଯାଇ ଏନେଇ ଆଲୋଚନା କରିବା ପରେ ନିଷ୍ପତ୍ତି ବଦଳାଇ ଅନିର୍ଦ୍ଦିଷ୍ଟ କାଳ ବନ୍ଦ କରିବା ପରିବର୍ତ୍ତେ ୩ଦିନ ବନ୍ଦ କରାଯିବ ଏବଂ ଏନେଇ ଜିଲାପାଳ, ଡିଏଫ୍‌ଓ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଉପସ୍ଥିତ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନୂତନ ଜାଗା ଚିହ୍ନଟ କରିବାକୁ ଉପଜିଲାପାଳ ପରାମର୍ଶ ଦେବା ସହ ତୁରନ୍ତ ଏନେଇ ଉପରିସ୍ଥ ଅଧିକାରୀମାନଙ୍କୁ ଚିଠି କରାଯିବ ବୋଲି କହିଥିଲେ। ବିକାଶ ପରିଷଦ ସଭାପତି ଧନୁର୍ଜୟ ଲାଗୁରୀ, ସମ୍ପାଦକ ଶାନ୍ତନୁ କୁମାର ଦାସ, ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଏସ୍‌ଡିପିଓ ରାମରାୟ ମୁର୍ମୁ, ତହସିଲଦାର ସାଇ ସସ୍ମିତା ହୋତା, ଆଇଆଇସି ଗଗନ ନାଏକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ